Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

<u>ପ୍ରେସ୍ ବିଜ୍ଞପ୍ତି</u>

## ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟିଲା ବିଜେଡିର ପ୍ରତିନିଧି ମଣ୍ଡଳୀ

# ସରକାରୀ ଦଳର ହାତବାରିସି ସାଜି, ରାଜ୍ୟ ପୋଲିସ ପକ୍ଷପାତିତା ନକରୁ: ବିଜେଡି

- **ରାଜ୍ୟରେ ଗତ ପାଞ୍ଚ ମାସରେ ମହିଳାଙ୍କ ଉପରେ ଅତ୍ୟାଚାର ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି**
- **ସରକାରୀ ଦଳର କର୍ମୀ ସମର୍ଥକ ବଡ଼ ଅପରାଧରେ ସାମିଲ ଥିଲେ ମଧ୍ୟ ଗିରଫ ହେଉନାହାନ୍ତି**
- **ଯାଜପୁର ଘଟଣାରେ ଧର୍ମଶାଳା ବିଧାୟକଙ୍କ ସମର୍ଥକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି କାହିଁକି?**

**ଭୁବନେଶ୍ୱର, ୨୫/୧୧/୨୦୨୪:** ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ପୋଲିସ ଡିଜିପିଙ୍କୁ ଭେଟି ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ପୋଲିସ ସରକାରୀ ଦଳର ହାତବାରିସୀ ନସାଜି ନିରପେକ୍ଷତା ଅବଲମ୍ବନ କରୁ ବୋଲି ଦୃଢ଼ ଦାବି ଜଣାଇଛନ୍ତି। ଏହି ସମ୍ବନ୍ଧରେ, ବିଜେଡି ତରଫରୁ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ରାଜ୍ୟ ପୋଲିସ ଡିଜିପିଙ୍କ ସହିତ ଆଲୋଚନା କରି ଫେରିବା ପରେ, ପ୍ରତିନିଧି ମଣ୍ଡଳୀରେ ଥିବା ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ଃ ଅରୁଣ ସାହୁ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଗତ ପାଞ୍ଚ ମାସର ବିଜେପି ଶାସନ କାଳରେ ରାଜ୍ୟରେ ୧୨୫୬ ମହିଳା ଅତ୍ୟାଚାରର ଶିକାର ହୋଇଛନ୍ତି। ସେହିପରି ରାଜ୍ୟରେ ଚୋରି, ଡକାୟତି ଇତ୍ୟାଦି ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଛିନତାୟୀ ଓ ସମ୍ବଲପୁରରେ ଡକାୟତି ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ଅପରପକ୍ଷରେ, ରାଜ୍ୟ ପୋଲିସ ସରକାରୀ ଦଳର ବୋଲକରା ସାଜିଛି, ଯାହା ଫଳରେ ଶାସକ ଦଳର କର୍ମୀ ସମର୍ଥକ ମାନେ ଯେତେ ବଡ଼ ଅପରାଧ କଲେ ମଧ୍ୟ ତାଙ୍କୁ ପୋଲିସ ଗିରଫ କରୁନାହିଁ। ଉଦାହରଣ ସ୍ୱରୂପ, ଯାଜପୁରରେ ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣାରେ, ବିଜେଡିର ୧୯ ଜଣଙ୍କୁ

ଗିରଫ କରାଯାଇଥିବା ବେଳେ ବିଧାୟକଙ୍କ ସମର୍ଥକ, ଯେଉଁମାନେ ସେଠାକୁ ଲାଠି ଓ ଅନ୍ୟ ମାରାଣାସ୍ତ୍ର ନେଇ ଯାଇଥିବାର ଭିଡିଓ ଫୁଟେଜ ରହିଛି, ସେମାନଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଅପରପକ୍ଷରେ, ବିଧାୟକଙ୍କ ସୁନାଚେନ ଖୋଜିବା ପାଇଁ କ୍ରାଇମ ବ୍ରାଞ୍ଚକୁ ଅନୁସନ୍ଧାନ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ନିଜ ପୋଲିସ ପ୍ରତି ସରକାରଙ୍କ ଭରସା ନାହିଁ। ବିଜେଡି ନେତା ଭବ ପ୍ରସାଦ ଦାସ ଅସୁସ୍ଥ ଥିବା ଓ ନିୟମିତ ଭାବେ ଚିକିତ୍ସିତ ହେଉଥିବା ବେଳେ, ତାଙ୍କୁ ଏହି ଘଟଣାରେ ଗିରଫ କରିବା ଅତ୍ୟନ୍ତ ଅମାନବୀୟ କାର୍ଯ୍ୟ ବୋଲି ଡ଼ଃ ସାହୁ କହିଥିଲେ।

ବିଜେଡି ତରଫରୁ ଦିଆଯାଇଥିବା ଦାବି ପତ୍ରରେ ଏକାଧିକ ଘଟଣାରେ ରାଜ୍ୟରେ ପୋଲିସର ପକ୍ଷପାତିତା କରି ବିଜେଡି କର୍ମୀଙ୍କୁ ଗିରଫ କରିଥିବା ଦର୍ଶାଯାଇଛି। ପୁରୀ ଜିଲ୍ଲାର ବ୍ରହ୍ମଗିରିରେ, ବିଜେଡି କର୍ମୀ ମାନଙ୍କର କୌଣସି ଦୋଷ ନଥିଲେ ମଧ୍ୟ ତାଙ୍କୁ ଏକତରଫା ଭାବେ ଗିରଫ କରାଯାଇଥିଲା। ସେହିପରି, ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ଭାଗ ନେଇଥିବା ବିଜେଡି ବିଧାୟକ ଓ ମୁଖପାତ୍ରଙ୍କ ବିରୋଧରେ ଆର୍ମସ ଆକ୍ଟ ଲଗା ଯାଇ କେସ ରୁଜୁ କରାଯାଇଥିଲା। ଅପରପକ୍ଷରେ, ଅନେକ ଜଘନ୍ୟ ଅପରାଧ ମାମଲାରେ ବିଜେପିର କର୍ମୀ ସମର୍ଥକ ସାମିଲ ଥିଲା ବେଳେ ତାଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। କୁଚିଣ୍ଡାରେ ଏକ ଦଳିତ ନାବାଳିକାର ଗଣଦୁଷ୍କର୍ମ ମାମଲାରେ ପଞ୍ଚାୟତରାଜ ମନ୍ତ୍ରୀଙ୍କ ଜଣେ ଘନିଷ୍ଠ ସହଯୋଗୀ ଅଭିଯୁକ୍ତ ଥିବାରୁ, ପୋଲିସ ଦୁଷ୍କର୍ମ ମାମଲା ରୁଜୁ କରିବାରେ ଓ ତାଙ୍କୁ ଗିରଫ କରିବାରେ ଟାଳ ଟୁଳ ନୀତି ଅବଲମ୍ବନ କରୁଥିଲା। ବିଜେଡି ପ୍ରତିନିଧି ମଣ୍ଡଳୀ ଘଟଣା ସ୍ଥଳ ପରିଦର୍ଶନ କରିବା ପରେ ପୋଲିସ ଦୁଷ୍କର୍ମ ମାମଲା ରୁଜୁ କରିବା ସହିତ ମନ୍ତ୍ରୀଙ୍କ ସହଯୋଗୀଙ୍କୁ ଗିରଫ କରିଥିଲା। ସେହିପରି, ବଲାଙ୍ଗୀର ଜିଲ୍ଲାର ବଙ୍গୋମୁଣ୍ଡା ପୋଲିସ ଥାନା ଅଞ୍ଚଳରେ, ଏକ ଆଦିବାସୀ ଯୁବତୀକୁ ବଳାତ୍କାର ଉଦ୍ୟମ ଓ ତାକୁ ଜୋର ଜବରଦସ୍ତ ବିଷ୍ଠା ଖୁଆଇବା ଭଳି ଅମାନବୀୟ ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବାରେ ଏକ ସପ୍ତାହ ପର୍ଯ୍ୟନ୍ତ ଟାଳ ଟୁଳ ନୀତି ଅବଲମ୍ବନ କରୁଥିଲା। ବିଜେଡି ତରଫରୁ ଘଟଣାକୁ ଉତଥାପନ କରିବା ପରେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏହିପରି ଅନେକ ଦୁଷ୍କର୍ମ, ଚୋରି, ରାହାଜାନି ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରୁଛି। ତେଣୁ, ପୋଲିସ ପ୍ରସାଶନ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ବିଜେଡି ତରଫରୁ ଦାବି କରା ଯାଇଛି।

ବିଜେଡି ପ୍ରତିନିଧି ମଣ୍ଡଳୀରେ, ଦଳର ବରିଷ୍ଠ ସଦସ୍ୟ ମାନେ ଯଥା, ପୂର୍ବତନ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଡ଼ଃ ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଉତ୍ତର ବିଧାୟକ ଶ୍ରୀ ସୁଶାନ୍ତ ରାଉତ, ମିଡ଼ିଆ ସଂଯୋଜକ ଡ଼ଃ ପ୍ରିୟବ୍ରତ ମାଝୀ, ମିଡ଼ିଆ ସଂଯୋଜକ ତଥା ମୁଖପାତ୍ର ଡ଼ଃ ଲେନିନ ମହାନ୍ତି, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ଶ୍ରୀ ବିଜୟ ନାୟକ, ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର, ଯୁବ ନେତା ଶ୍ରୀ ସଂଜିତ ମହାନ୍ତି, ଶ୍ରୀ ପୃଥ୍ୱୀରାଜ ସାହୁ ଇତ୍ୟାଦି ଉପସ୍ଥିତ ରହି ଡିଜିପିଙ୍କ ସହ ଆଲୋଚନା କରିଥିଲେ।

ଡଃ ପ୍ରିୟବ୍ରତ ମାଝୀ

**(ଡଃ ପ୍ରିୟବ୍ରତ ମାଝୀ)**

**ଗଣମାଧ୍ୟମ ସଂଯୋଜକ**

**ବିଜୁ ଜନତା ଦଳ**